# ବାଟହୁଡା ଏନ୍.ଆର୍.ଇ.ଜି.ଏ. - କେତେକ ବୈଧାନିକ ଜିଜ୍ଞାସା

## ସଂକଟଗ୍ରସ୍ତ ଏନ୍.ଆର୍.ଇ.ଜି.ଏ.

ସ୍ୱାଧୀନ ଭାରତର ଏକ ଅନନ୍ୟ ଓ ଐତିହାସିକ ଲୋକାଭିମୁଖୀ ଆଇନ୍ ଏନ୍.ଆର୍.ଇ.ଜି.ଏ. ବା ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ୨୦୦୫ର କାର୍ଯ୍ୟକାରିତା ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ୨ ଫେବୃଆରି ୨୦୦୬ରେ ଆରମ୍ଭ ହୋଇଥିଲା । ଏହାଭିତରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ସାରିଲାଣି, କିନ୍ତୁ ଏହା ପ୍ରକୃତରେ କେତେଦୂର ଗ୍ରାମାଞ୍ଚଳର ଶ୍ରମଜୀବି ଜନସାଧାରଣଙ୍କର ଜୀବନ-ଜୀବିକା ପାଇଁ ସୁଫଳ ଆଣିପାରିଛି, ତାହା ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଏକ ବିରାଟ ପ୍ରଶ୍ନବାଚୀ ରୂପେ ଛିଡା ହୋଇଛି । କିଭଳି ସୁଫଳ ମିଳିପାରିବ, ସେ ସମ୍ବନ୍ଧରେ ମଧ୍ୟ ବିଭିନ୍ନ ବିଶେଷଜ୍ଞ ମହଲରୁ ବହୁ ପ୍ରସ୍ତାବ ଓ ପରାମର୍ଶ ଉତ୍‌ଥାପିତ ହୋଇଛି; ସେଗୁଡିକ ଭିତରୁ କେତେକ କାର୍ଯ୍ୟକାରୀ ହୋଇଛି ତ ଆଉ କେତେକ ଉପରେ ବିତର୍କ ଜାରି ରହିଛି । କିନ୍ତୁ ମନେହୁଏ, ଏନ୍.ଆର୍.ଇ.ଜି.ଏ.କୁ କେନ୍ଦ୍ର କରି ପ୍ରଥମରୁ ଅନୁଭୂତ ମୂଳ ସମସ୍ୟା ସେମିତି ଅପହଞ୍ଚ ଓ ଅସମାହିତ ଅବସ୍ଥାରେ ଅଟକି ରହିଛି । ମୂଳ ସମସ୍ୟା ହେଲା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ଯେଉଁ ଅର୍ଥରାଶି ମଜୁରି ଆକାରରେ ଗ୍ରାମର ପୁରୁଷ ଓ ମହିଳା ଶ୍ରମିକମାନଙ୍କ ପାଖରେ ପହଞ୍ଚିଛି ବୋଲି ଇଣ୍ଟରନେଟ୍ ସମେତ ବିଭିନ୍ନ ସରକାରୀ ନଥିପତ୍ରରେ ଦାବୀ କରାହୋଇ ଆସୁଛି, ତାହାର ବହୁଳାଂଶ ପ୍ରକୃତ ପକ୍ଷେ ଅତିରଞ୍ଜନ ଓ ଅସତ୍ୟ । ଏହି ସମସ୍ୟାକୁ ଅସ୍ୱୀକାର କରିବାର ଚାରା ମଧ୍ୟ ନାହିଁ ସରକାରଙ୍କର, କାରଣ, ଖୋଦ୍ ସରକାରୀ ସଂସ୍ଥା ଯଥା ଭାରତର ସି.ଆଣ୍ଡ୍.ଏ.ଜି. (ମହା ନିୟନ୍ତ୍ରକ ଏବଂ ହିସାବ ସମୀକ୍ଷକ) ତଥା ଏନ୍.ଆଇ.ଆର୍.ଡି. (ଜାତୀୟ ଗ୍ରାମାଞ୍ଚଳ ବିକାଶ ପ୍ରତିଷ୍ଠାନ) ଅଧୀନରେ ଗଠିତ ଅନୁଧ୍ୟାନ କମିଟିମାନ ଏନ୍.ଆର୍.ଇ.ଜି.ଏ. ଯେ ବ୍ୟାପକ ଭାବେ ପଥଭ୍ରଷ୍ଟ ହୋଇଛି, ତହିଁର ସତଥ୍ୟ ଓ ସବିଶେଷ ବିବରଣୀ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିସାରିଛନ୍ତି । ସୁତରାଂ ଏହି କାର୍ଯ୍ୟକ୍ରମରେ କେତେ ଅର୍ଥରାଶି ହେର୍‌ଫେର୍ ହୋଇଛି, କେତେ ପ୍ରକଳ୍ପ କେବଳ କାଗଜକଲମରେ ଦର୍ଶାଯାଇଛି ଏବଂ କେଉଁ ସ୍ତରର କେତେ ଅଧିକାରୀ ବା ପଞ୍ଚାୟତ କାର୍ଯ୍ୟକର୍ତ୍ତା ଏଭଳି ହେର୍‌ଫେର୍ ଏବଂ ଜାଲିଆତି ଇତ୍ୟାଦି ପାଇଁ ଦାୟୀ, ତାହାର ଏକ ପୁନଃ ଆକଳନ ଏହି ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ, ବରଂ ଏଭଳି ଅବାଂଛିତ ପରିଣତିମାନ ମୂଳ ଆଇନ୍‌ର କେଉଁ ମୌଳିକ ଦୋଷତ୍ରୁଟି ପାଇଁ ସମ୍ଭବ ହୋଇପାରିଲା, ସେ ବିଷୟରେ ଏକ ସମ୍ୟକ ଜିଜ୍ଞାସା କରିବା ହେଉଛି ଏହାର ମୂଳ ପ୍ରୟାସ ।

## ଦଣ୍ଡବିଧାନର ସବିଶେଷ ବ୍ୟବସ୍ଥା ନାହିଁ

ସମସ୍ତେ ଜାଣନ୍ତି, ଆଇନ୍‌ର ଧାରା ୨୫ର ଧାଡିକିଆ ବାକ୍ୟରେ କୁହାଯାଇଛି, ଯଦି କେହି ବ୍ୟକ୍ତି ଆଇନ୍‌ର କୌଣସି ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରିଛନ୍ତି ବୋଲି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେ ସର୍ବାଧିକ ଏକ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ । କିନ୍ତୁ ଏ ବିଷୟରେ କେଉଁ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଦାଖଲ ହେବ, ଏବଂ କେଉଁ ଅପିଲ୍ କର୍ତ୍ତୃପକ୍ଷ ଏହାର ଶୁଣାଣି କରିବେ ଏବଂ ଜୋରିମାନାର ପରିମାଣ ନିର୍ଦ୍ଧାରଣ ଓ ଘୋଷଣା କରିବେ, ତଥା ଏହି ଜୋରିମାନା କିପରି ଆଦାୟ ହେବ, ସେସବୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ କେବଳ ଯେ ଆଇନ୍ ନୀରବ, ତାହା ନୁହେଁ, କେନ୍ଦ୍ର ସରକାରଙ୍କ ଦ୍ୱାରା ଏପର୍ଯ୍ୟନ୍ତ ପ୍ରକାଶିତ ୩ଟି ମାର୍ଗଦର୍ଶୀକା ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ସ୍କିମ୍ ଗୁଡିକ ମଧ୍ୟ ତଦ୍ରୂପ ନୀରବ । ଏହାର ଏକ ସୁଦୃଶ୍ୟ କୁଫଳ ହେଲା, ଯେଉଁ ସରକାରୀ ଅଧିକାରୀ ବା ପଞ୍ଚାୟତ କାର୍ଯ୍ୟକର୍ତ୍ତାମାନେ ଦୁର୍ନୀତି-ପ୍ରବଣ, ସେମାନେ ମୂଳରୁ ଭଲ ରୂପେ ଜାଣି ନେଉଛନ୍ତି ଯେ, ସେମାନେ ଯେତେ ଯାହା ହେର୍‌ଫେର୍ ଓ ଜାଲିଆତି କଲେବି, ସେମାନଙ୍କୁ ଧରିବା ଏବଂ ଦଣ୍ଡିତ କରିବା ପାଇଁ ଏହି ଆଇନ୍ ଅଧୀନରେ କୌଣସି ପ୍ରଶାସନିକ କି ନ୍ୟାୟିକ ବ୍ୟବସ୍ଥା ନାହିଁ । ପୁଣି, ଧାରା ୨୫ର ଆଉ ଏକ ମାରାତ୍ମକ ଅସଂଗତି ହେଲା, ଜୋରିମାନାର ପରିମାଣକୁ ସର୍ବାଧିକ ଏକ ହଜାର ଟଙ୍କାରେ ସୀମିତ ରଖିବା । ଭବିଷ୍ୟତରେ କେବେ ବି ଯଦି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ବଳରେ ଦଣ୍ଡବିଧାନର ବ୍ୟବସ୍ଥା ଚାଲୁ କରାଯିବ, ତାହା ମଧ୍ୟ ନିରର୍ଥକ ହେବାକୁ ବାଧ୍ୟ ; କାରଣ ଜଣେ ଅଧିକାରୀ ଏକ ଲକ୍ଷ ଟଙ୍କା ତୋଷରପାତ ପାଇଁ ଅଭିଯୁକ୍ତ ହେଲେ ହେଁ ତାଙ୍କୁ ମାତ୍ର ଏକ ହଜାର ଟଙ୍କାର ଜୋରିମାନା ଦେବାକୁ ପଡିବ । ସର୍ବୋପରି ତୋଷରପାତ ହୋଇଥିବା ଅର୍ଥରାଶିକୁ ସଂପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ବା କାର୍ଯ୍ୟକର୍ତ୍ତାଙ୍କ ଠାରୁ ଆଦାୟ କରାଯାଇ ନିଜନିଜ ପ୍ରାପ୍ୟରୁ ବଞ୍ଚିତ ହୋଇଥିବା ଶ୍ରମିକମାନଙ୍କୁ କ୍ଷତିଭରଣା କରାଯିବାର କୌଣସି ବ୍ୟବସ୍ଥା ଆଇନ୍ ବା ମାର୍ଗଦର୍ଶୀକା ବା ସ୍କିମ୍‌ରେ ନାହିଁ । ଏଭଳି ଏକ ସ୍ଥିତିରେ ଖୋଦ୍ ଏନ୍.ଆର୍.ଇ.ଜି.ଏ.ର ବିଧିବ୍ୟବସ୍ଥା ହିଁ ପ୍ରତି ସ୍ତରର ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କୁ

ସର୍ବସାଧାରଣ ଅର୍ଥକୁ ହରିଲୁଟ୍ କରିବା ପାଇଁ ପ୍ରୋତ୍ସାହନ ଦେଇଚାଲିଛି । ଏବଂ ଏହା ନିସନ୍ଦେହରେ ଘଟି ଚାଲିବ ସେ ପର୍ଯ୍ୟନ୍ତ, ଯେତେବେଳ ଯାଏଁ ଆଇନ୍‌ର ସଂଶୋଧନ ବଳରେ ଜୋରିମାନା ପରିମାଣକୁ ଯଥେଷ୍ଟ ବୃଦ୍ଧି ସହିତ ତୋଷରପାତ ହୋଇଥିବା ଅର୍ଥକୁ ଆଦାୟ କରି ବଞ୍ଚିତ ହୋଇଥିବା ଶ୍ରମିକମାନଙ୍କୁ କ୍ଷତିଭରଣା କରାଯିବାର ଏକ ସୁଦୃଢ଼ ବ୍ୟବସ୍ଥା ବିଧିବଦ୍ଧ ଭାବେ ଠିଆ ନ କରାଯାଇଛି । ଠିକ୍ ଯେପରି ସୂଚନା ଅଧିକାର ଆଇନ୍-୨୦୦୫ରେ ସୂଚନା କମିଶନ୍ ଏକ ଉଲ୍ଲଂଘନକାରୀ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଦଣ୍ଡଘୋଷଣା କରିପାରୁଛନ୍ତି ଏବଂ ଅନ୍ୟ ପକ୍ଷରେ ସୂଚନାରୁ ବଞ୍ଚିତ ନାଗରିକଙ୍କୁ କ୍ଷତିପୂରଣ ଦେବା ପାଇଁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ପାରୁଛନ୍ତି, ସେପରି ବ୍ୟବସ୍ଥା ଏନ୍.ଆର୍.ଇ.ଜି.ଏ.ରେ ସ୍ଥାନିତ ହେବା ସର୍ବାଦୌ ଆବଶ୍ୟକ ।

**ଅଧପନ୍ତରିଆ ଅଭିଯୋଗ ଫଇସଲା ବ୍ୟବସ୍ଥା**

ଯେ କୌଣସି ଆଇନ୍‌ର ଉତ୍କୃଷ୍ଟତା ଜାଣିବାର ଏକ ପ୍ରକୃଷ୍ଟ ମାନଦଣ୍ଡ ହେଲା, ଏହାର ଅଭିଯୋଗ ଫଇସଲା ବ୍ୟବସ୍ଥା, ଅର୍ଥାତ୍ କୌଣସି କ୍ଷେତ୍ରରେ ବ୍ୟତିକ୍ରମ ବା ବିଶୃଙ୍ଖଳା ଘଟିଲେ, ତାକୁ ଯଥାଶୀଘ୍ର ଏବଂ ଯଥୋଚିତ ରୀତିରେ ସୁଧାରିବାର ଏକ ସ୍ୱୟଂଚାଳିତ ଓ ସୁପରିଚାଳିତ ବ୍ୟବସ୍ଥା । ଯଦି ଏପରି ବ୍ୟବସ୍ଥା ନଥାଏ, ତେବେ ଯେ କୌଣସି ସମସ୍ୟା ଉପୁଜିଲେ ତାହା ସମାଧାନ ହେବା ପରିବର୍ତ୍ତେ ଅଧିକ ସଂଗୀନ ହୋଇଚାଲିବ ଏବଂ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ଦୁର୍ନୀତି ଓ ତୋଷରପାତ ପାଇଁ ଗଳାବାଟ ସୃଷ୍ଟି କରିବ, ଯାହା ଫଳରେ ଶ୍ରମିକମାନେ ନିଜ ପ୍ରାପ୍ୟରୁ ବଞ୍ଚିତ ହେବା ସହିତ ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନଦଣ୍ଡ କ୍ରମାଗତ ଭାବେ ହ୍ରାସ ପାଇଚାଲିବ । ଏକଥା ସତ, ଏନ୍.ଆର୍.ଇ.ଜି.ଏ.ର ଧାରା ୨୩(୬)ରେ କୁହାଯାଇଛି ଯେ, କାର୍ଯ୍ୟକ୍ରମ ଅଧିକାରୀ ଗୋଟିଏ ଅଭିଯୋଗକୁ ଅଭିଯୋଗ ରେଜିଷ୍ଟର୍‌ରେ ଦରଜ କରିବେ ଏବଂ ଏହା ମିଳିବାର ସାତଦିନ ଭିତରେ ଫଇସଲା କରିବେ । କିନ୍ତୁ କାର୍ଯ୍ୟକ୍ରମ ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲା ସଂଯୋଜକଙ୍କ ନିକଟରେ ଓ ଜିଲ୍ଲା ସଂଯୋଜକଙ୍କ ବିରୁଦ୍ଧରେ ରାଜ୍ୟ ପରିଷଦଙ୍କ ନିକଟରେ ତଥା ଅର୍ଥ-ତୋଷରପାତ ସଂପର୍କୀତ ଯେ କୌଣସି ଅଭିଯୋଗକୁ କେନ୍ଦ୍ର ସରକାରଙ୍କ ନିକଟରେ ସିଧାସଳଖ ଦାଖଲ କରିବାର ବ୍ୟବସ୍ଥା ଆଇନ୍ ଓ ମାର୍ଗଦର୍ଶୀକାରେ ସ୍ଥାନିତ ହୋଇଥିଲେ ହେଁ , କେଉଁ ପଦ୍ଧତିରେ ଏବଂ କେତେଦିନ ଭିତରେ ଏହାର ଫଇସଲା ହେବ, ତାହା ସୂଚୀତ ହୋଇନାହିଁ । ଅବଶ୍ୟ ଓଡିଶା ସ୍କିମ୍‌ର ଧାରା ୨୯(୩) ଅନୁଯାୟୀ, ଜିଲ୍ଲା ସଂଯୋଜକ ଏକ ଅଭିଯୋଗକୁ ୧୫ଦିନ ଭିତରେ ଫଇସଲା କରିବେ, କିନ୍ତୁ ଯେହେତୁ ଜଣେ ବ୍ୟକ୍ତିଙ୍କୁ ତାଙ୍କର ଅଭିଯୋଗକୁ ଏକ ଅଭିଯୋଗ ବାକ୍ସରେ ଗଳାଇବାର ବ୍ୟବସ୍ଥା ଏହି ସ୍କିମ୍‌ରେ ନିର୍ଦ୍ଦେଶିତ ହୋଇଛି, ତେଣୁ ଅଭିଯୋକ୍ତାଙ୍କୁ ତାଙ୍କ ଅଭିଯୋଗ ପତ୍ରର ଏକ ପ୍ରାପ୍ତିସ୍ୱୀକାର ରସିଦ୍ ଉପଲବ୍ଧ ହେବାର କୌଣସି ସମ୍ଭାବନା ନାହିଁ । ଏହି ରସିଦ୍ ନଥିଲେ ସେ ଏକଦା ଅଭିଯୋଗ କରିଥିଲେ ବୋଲି କିପରି ପ୍ରମାଣ କରିପାରିବେ ? ଯଦିଓ କେନ୍ଦ୍ରୀୟ ମାର୍ଗଦର୍ଶୀକା ଓ ଓଡିଶା ସ୍କିମ୍‌ରେ କୁହାଯାଇଛି ଯେ, ଉଭୟ ବ୍ଲକ୍ ଓ ଜିଲ୍ଲା ସ୍ତରରେ ଫର୍ମ-୧୧ ଅନୁଯାୟୀ ଏକ ଅଭିଯୋଗ ରେଜିଷ୍ଟର୍ ଅନୁରକ୍ଷିତ ହେବ ଏବଂ କେନ୍ଦ୍ରୀୟ ମାର୍ଗଦର୍ଶୀକା ଅନୁଯାୟୀ ଅଭିଯୋକ୍ତାଙ୍କୁ ଅଭିଯୋଗ ପତ୍ରର ଏକ ପ୍ରାପ୍ତିସ୍ୱୀକାର ରସିଦ୍ ମିଳିବ, କିନ୍ତୁ ଓଡିଶା ସ୍କିମ୍ ଅନୁଯାୟୀ ଜିଲ୍ଲା ସଂଯୋଜକ ଯଦି କେବଳ ୧୫ଦିନରେ ଥରେ ଅଭିଯୋଗ ବାକ୍ସ ଖୋଲନ୍ତି, ତେବେ ସେ ଅଭିଯୋକ୍ତାଙ୍କୁ ତୁରନ୍ତ ପ୍ରାପ୍ତିସ୍ୱୀକାର ରସିଦ୍ ଦେବାର ପ୍ରଶ୍ନ ଉଠୁଛି କି ? ଏହିପରି ଦେଖିବାକୁ ଗଲେ, ଏନ୍.ଆର୍.ଇ.ଜି.ଏ.ରେ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଓ ଗୋଳମାଳିଆ, ଯାହା ଫଳରେ ଏହାର କାର୍ଯ୍ୟନିର୍ବାହ ପ୍ରକ୍ରିୟାରେ ଯେଉଁସବୁ ସମସ୍ୟା ଉପୁଜୁଛି, ସେଗୁଡିକ ସେମିତି ଲାଗିରହୁଛି ଏବଂ ବ୍ୟାପକ ଦୁର୍ନୀତି ଓ ତୋଷରପାତ ସହିତ ପ୍ରକଳ୍ପ-କାର୍ଯ୍ୟଗୁଡ଼ିକର ଗୁଣାତ୍ମକ ମାନଦଣ୍ଡର ଅଧୋଗତି ଘଟାଇ ଚାଲୁଛି । ସୁତରାଂ ଏନ୍.ଆର୍.ଇ.ଜି.ଏ.ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବ୍ଲକ୍ ଠାରୁ ଆରମ୍ଭ କରି କେନ୍ଦ୍ର ପର୍ଯ୍ୟନ୍ତ ପ୍ରତି ସ୍ତରରେ ଅଭିଯୋଗ ଦାଖଲ, ପ୍ରାପ୍ତିସ୍ୱୀକାର ଏବଂ ସମୟବଦ୍ଧ ଫଇସଲାର ଏକ ସୁସମନ୍ୱୀତ ଏବଂ କ୍ରୀୟାଶୀଳ ବ୍ୟବସ୍ଥାକୁ ସାକାର କରିବା ଅତ୍ୟନ୍ତ ଜରୁରୀ ।

**ସାମାଜିକ ସମୀକ୍ଷା ନାମକୁ ମାତ୍ର**

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯେଉଁଠି ସର୍ବସାଧାରଣ ଅର୍ଥବ୍ୟୟରେ ଗୋଟିଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ, ତାହା ପ୍ରକୃତ ପକ୍ଷେ ବିନିର୍ଦ୍ଦିଷ୍ଟ ମାନଦଣ୍ଡ ଗୁଡ଼ିକୁ ପୂରଣ କରିଛି କି ନାହିଁ ତଥା ତହିଁର ସୁଫଳମାନ ଉଦ୍ଦିଷ୍ଟ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିଛି କି ନାହିଁ, ଏହାର ଆକଳନ କରିବା ହେଉଛି ସଂପୃକ୍ତ ଅଞ୍ଚଳବାସୀଙ୍କର ଗରଜ । ଏବଂ ଏହାକୁ ହିଁ ପ୍ରଚଳିତ ପ୍ରଶାସନିକ ପରିଭାଷାରେ ସାମାଜିକ ସମୀକ୍ଷା (ସୋସିଆଲ୍ ଅଡିଟ୍) କୁହାଯାଉଛି, ଯାହାକି ପାରମ୍ପରିକ ଆର୍ଥିକ ସମୀକ୍ଷା (ଫାଇନାନ୍ସିଆଲ୍

ଅଡିଟ୍) ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ । ଏହା ଉଲ୍ଲେଖନୀୟ ଯେ, ଏନ୍.ଆର୍.ଇ.ଜି.ଏ. ହେଉଛି ସାରା ଭାରତରେ ଏକମାତ୍ର ଆଇନ୍ ଯେଉଁଥିରେ ପ୍ରତି ପ୍ରକଳ୍ପର ସାମାଜିକ ସମୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ସାମାଜିକ ସମୀକ୍ଷାର ପରିଚାଳନା ପଦ୍ଧତି ସମ୍ବନ୍ଧରେ ଏକ ବିସ୍ତୃତ ଅଧ୍ୟାୟ କେନ୍ଦ୍ରୀୟ ମାର୍ଗଦର୍ଶୀକାରେ ମଧ୍ୟ ସ୍ଥାନିତ ହୋଇଛି । ପ୍ରକଳ୍ପ ସହିତ ସଂପୃକ୍ତ ନଥିବା ତଥା ଗ୍ରାମପଞ୍ଚାୟତ ବାହାରର ଅଥଚ ଗ୍ରାମବାସୀଙ୍କ ଦ୍ୱାରା ମନୋନୀତ ଜଣେ ନିରପେକ୍ଷ ବ୍ୟକ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଗ୍ରାମବାସୀମାନେ ଗୋଟିଏ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଯାବତୀୟ ପ୍ରଶ୍ନ ପଚାରିବେ ଏବଂ ସଂପୃକ୍ତ ସରକାରୀ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟକର୍ତ୍ତାମାନେ ଗୋଟିଗୋଟି କରି ସେସବୁର କୈଫିୟତ୍ ଦେବେ, ଏହାହିଁ ସଂକ୍ଷେପରେ ସାମାଜିକ ସମୀକ୍ଷା, ଯାହାକି ନିଃସନ୍ଦେହରେ ଏକ ସର୍ବୋତ୍ତମ ମୂଲ୍ୟାୟନ ବ୍ୟବସ୍ଥା । କିନ୍ତୁ ଲକ୍ଷ୍ୟ କରାଯାଉଛି, କାର୍ଯ୍ୟକ୍ରମ ଅଧିକାରୀ କିଛି ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କୁ ଧରି ପ୍ରତି ପ୍ରକଳ୍ପର ସାମାଜିକ ସମୀକ୍ଷା ହୋଇଛି ବୋଲି କେବଳ କାଗଜକଲମରେ ଦର୍ଶାଇ ଚାଲିଛନ୍ତି । ପୁଣି ଲକ୍ଷ୍ୟ କରାଯାଉଛି, ସେମାନଙ୍କର ମନଗଢ଼ା ବିବରଣୀକୁ ଉପର ସ୍ତରରେ ବିନା ଯାଞ୍ଚରେ ଗ୍ରହଣ କରି ନିଆଯାଉଛି ଏବଂ ତାକୁ ହିଁ ଆଧାର କରି କିସ୍ତି ପରେ କିସ୍ତି ଅର୍ଥରାଶି ମଞ୍ଜୁର ହୋଇଚାଲିଛି ତଥା ପୂର୍ବଭଳି ଆତ୍ମସାତ୍ ହୋଇଚାଲିଛି । ସାମାଜିକ ସମୀକ୍ଷା ଏକ ପ୍ରହସନରେ ପରିଣତ ହୋଇଛି ବୋଲି ଉଭୟ ସି.ଆଣ୍ଡ.ଏ.ଜି. ଏବଂ ଏନ୍.ଆଇ.ଆର୍.ଡି. ସେମାନଙ୍କ ଅନୁଧ୍ୟାନରେ ସତଥ୍ୟ ପ୍ରମାଣ ଦେଇସାରିଥିଲେ ହେଁ ସାମାଜିକ ସମୀକ୍ଷାକୁ ନାଁରେ ନିର୍ଭେଜାଲ ମିଥ୍ୟାଶ୍ରୟତାର ଏହି ସୁସଂଗଠିତ, ଆମୂଳଚୂଳ କାରବାର ଏବେବି ପୂର୍ବବତ୍ ସକ୍ରୀୟ ରହିଛି । ଏହାର କାରଣ କ'ଣ ? ଏହାର ମୂଳ କାରଣ, ଭାରତ ସରକାରଙ୍କ ନିୟନ୍ତ୍ରୀତ ଏନ୍.ଆର୍.ଇ.ଜି.ଏ. ଓ୍ୱେବ୍‌ସାଇଟ୍‌ରେ ଗୋଟିଏ ପ୍ରକଳ୍ପ ସମ୍ବନ୍ଧରେ ବହୁକିଛି ତଥ୍ୟ ଉପଲବ୍ଧ ଥିବାବେଳେ କୌଣସି ସାମାଜିକ ସମୀକ୍ଷାର ଏକ ପୂର୍ଣ୍ଣାଙ୍ଗ ବିବରଣୀ ସ୍ଥାନିତ ହେଉନାହିଁ ; ଅପରନ୍ତୁ ସାମାଜିକ ସମୀକ୍ଷା ହୋଇଛି ବୋଲି କେବଳ କୁହାଯାଉଛି । ଯଦି ପୂର୍ଣ୍ଣାଙ୍ଗ ବିବରଣୀ ଦିଆଯାଆନ୍ତା, ତେବେ ଯେ କୌଣସି ବ୍ୟକ୍ତି ବା ନିଜେ ସଂପୃକ୍ତ ଗ୍ରାମବାସୀ ତାହାର ସତ୍ୟାସତ୍ୟକୁ ଅକ୍ଳେଶରେ ଯାଞ୍ଚ କରିପାରନ୍ତେ । ସୁତରାଂ ସାମାଜିକ ସମୀକ୍ଷା ଭଳି ଏକ ଗଣତାନ୍ତ୍ରିକ, ଫଳପ୍ରଦ ବ୍ୟବସ୍ଥା, ଯାହାକି ଏନ୍.ଆର୍.ଇ.ଜି.ଏ.ର ସଫଳତାର ଅସଲ ଚାବିକାଠି ହୋଇପାରନ୍ତା, ତାକୁ ସାକାର କରିବାକୁ ହେଲେ, ସାମାଜିକ ସମୀକ୍ଷାର ପୂର୍ଣ୍ଣାଙ୍ଗ ବିବରଣୀ ଓ୍ୱେବ୍‌ସାଇଟ୍‌ରେ ସ୍ଥାନିତ ହେବା ସହ ବିଭିନ୍ନ ମାଧ୍ୟମରେ ସର୍ବସାଧାରଣଙ୍କୁ ସହଜରେ ଉପଲବ୍ଧ ହେବା ଜରୁରୀ ।

**ରାଜ୍ୟମାନଙ୍କର ମନମୁଖୀ କର୍ମଚାରୀ ନୀତି**

ମୂଳ ଆଇନ୍ ଅନୁଯାୟୀ କାର୍ଯ୍ୟକ୍ରମ ଅଧିକାରୀ ଓ ତାଙ୍କର ପ୍ରଶାସନିକ ଓ ବୈଷୟିକ ସହାୟକମାନଙ୍କର ଦରମା ଓ ଭତ୍ତା ଇତ୍ୟାଦି ବାବଦକୁ ସମସ୍ତ ବ୍ୟୟ କେନ୍ଦ୍ର ସରକାର ବହନ କରିବେ । କେନ୍ଦ୍ରୀୟ ମାର୍ଗଦର୍ଶୀକାରେ ପୁଣି କୁହାଯାଇଛି ଯେ, ଯେହେତୁ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଏନ୍.ଆର୍.ଇ.ଜି.ଏ.ର ସମୁଦାୟ ପ୍ରକ୍ରିୟାରେ ଏକ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବାକୁ ପଡିବ, ତେଣୁ ସେ ଜଣେ ଉତ୍ସର୍ଗୀକୃତ, ସର୍ବକ୍ଷଣ କାର୍ଯ୍ୟକର୍ତ୍ତା ହୋଇଥିବା ଜରୁରୀ ଏବଂ ତାଙ୍କୁ ତାଙ୍କୁ ବି.ଡି.ଓ. ପାହ୍ୟାର କ୍ଷମତା ଓ ସୁବିଧାସୁଯୋଗ ମିଳିବ । ଏଭଳି ଜଣେ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବେ ଚୁକ୍ତିନାମା ଭିତ୍ତିରେ ମଧ୍ୟ ନିଯୁକ୍ତି ଦିଆଯାଇପାରେ, ନଚେତ୍ କୌଣସି ସରକାରୀ ବିଭାଗରୁ ଡେପୁଟେସନ୍‌ରେ ଅଣାଯାଇପାରେ । ଯେମିତି ହେଲେ ବି ତାଙ୍କର ଏକମାତ୍ର ଦାୟିତ୍ୱ ହେବ, ଏନ୍.ଆର୍.ଇ.ଜି.ଏ. । ଏହାଛଡା ପୁଣି କୁହାଯାଇଛି ଯେ, ଯେଉଁସ୍ଥଳେ ବି.ଡି.ଓ. କାର୍ଯ୍ୟକ୍ରମ ଅଧିକାରୀ ରୂପେ ଘୋଷିତ ହୋଇଛନ୍ତି, ସେପରି ସ୍ଥଳେ ଜଣେ ଅତିରିକ୍ତ ବି.ଡି.ଓ.ଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତ କରାଯିବ, ଯେ କି ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ପଦରେ ରହି କେବଳ ଏନ୍.ଆର୍.ଇ.ଜି.ଏ. କଥା ହିଁ ଦେଖାଶୁଣା କରିବେ । କିନ୍ତୁ ଦେଖାଗଲା, ଓଡିଶା ସରକାର ଏନ୍.ଆର୍.ଇ.ଜି.ଏ. ପାଇଁ ସ୍ୱତନ୍ତ୍ର ଭାବେ କୋଣସି ବ୍ୟକ୍ତିଙ୍କୁ ନିଯୁକ୍ତ ନକରି ପୂର୍ବରୁ ଅବସ୍ଥାପିତ ଥିବା ବି.ଡି.ଓ. ଏବଂ ଏ.ବି.ଡି.ଓ.ଙ୍କୁ ଯଥାକ୍ରମେ କାର୍ଯ୍ୟକ୍ରମ ଅଧିକାରୀ ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଭାବେ ଘୋଷଣା କରିଦେଲେ । ସେହିପରି ରାଜ୍ୟ ସରକାର ବ୍ଲକ୍ ସ୍ତରରେ ଏନ୍.ଆର୍.ଇ.ଜି.ଏ. ପାଇଁ ସ୍ୱତନ୍ତ୍ର ଭାବେ କୌଣସି କନିଷ୍ଠ ଯନ୍ତ୍ରୀ ନିଯୁକ୍ତ ନକରି ବର୍ତ୍ତମାନ ଅବସ୍ଥାପିତ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କାମ ଉଠାଇବାକୁ ଚାହିଁଲେ । ସମସ୍ତେ ଜାଣନ୍ତି, ବି.ଡି.ଓ. ହୁଅନ୍ତୁ ବା ଏ.ବି.ଡି.ଓ. ବା କନିଷ୍ଠ ଯନ୍ତ୍ରୀ, ଏମାନେ ସମସ୍ତେ ବ୍ଲକ୍ ସ୍ତରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତୀତ ବହୁ ନୂଆପୁରୁଣା ସ୍କିମ୍‌ର ପରିଚାଳନା ସହିତ ବିଭିନ୍ନ ପ୍ରଶାସନିକ ଦାୟିତ୍ୱରେ ସର୍ବଦା ଭାରାକ୍ରାନ୍ତ ରହିଥାନ୍ତି ଏବଂ ସେହି କାରଣରୁ ସେମାନେ ଏନ୍.ଆର.ଇ.ଜି.ଏ. ପ୍ରତି ଉତ୍ସର୍ଗୀକୃତ ହୋଇ ସେମାନଙ୍କର ସବୁତକ ସମୟ ଓ ଶକ୍ତି ଖଟାଇବାର ପ୍ରଶ୍ନ ଉଠୁନି । ପ୍ରଶ୍ନ ଉଠୁଛି, କେନ୍ଦ୍ର ସରକାର ଉକ୍ତ ଅଧିକାରୀମାନଙ୍କର ଦରମା ଓ ଭତ୍ତା ଇତ୍ୟାଦି ବହନ କରିବା ପାଇଁ ପ୍ରସ୍ତୁତ ଥିବା ବେଳେ ରାଜ୍ୟ ସରକାର ନୂତନ ବ୍ୟକ୍ତିଙ୍କୁ ନିଯୁକ୍ତ ଦେଉନାହାନ୍ତି କାହିଁକି ? ରାଜ୍ୟ ସରକାରଙ୍କର ଏହି ମନମୁଖୀ,

ଆଇନ୍-ପରିପନ୍ଥୀ କର୍ମଚାରୀ ନୀତିକୁ ସି.ଆଣ୍ଡ.ଏ.ଜି. ତାଙ୍କର ସମୀକ୍ଷା ବିବରଣୀରେ ସମାଲୋଚନା ସାରିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କର ସେହି ପୁରୁଣା କର୍ମଚାରୀ ନୀତି ପୂର୍ବବତ୍ ବଳବତ୍ତର ରହିଛି । ଟିକେ ତଳେଇ କରି ଦେଖିଲେ ବୁଝାପଡିବ ଯେ, ରାଜ୍ୟର ଏହି ଦୋଷାବହ କର୍ମଚାରୀ ନୀତି ହିଁ ଏନ୍.ଆର.ଇ.ଜି.ଏ. ମୂଳରୁ ବାଟବଣା ହେବା ପଛରେ ସବୁଠୁଁ ବଡ କାରଣ । ଯଦି ଶ୍ରମିକମାନେ ଠିକଣା ସମୟରେ ମଜୁରି ପାଉନଥାନ୍ତି, ତହିଁର ମୂଳ କାରଣ ହେଉଛି, ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀ ବ୍ଲକ୍ର ଅନ୍ୟାନ୍ୟ ବହୁ ଗୁରୁ ଦାୟିତ୍ୱରେ ବ୍ୟସ୍ତ-ବିବ୍ରତ ରହି ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟର ଯଥାଶୀଘ୍ର ମାପଚୁପ କରିବା ଦିଗରେ ସମୟ ଦେଇ ପାରୁନାହାନ୍ତି । ସେହିପରି ଜଣେ ଗ୍ରାମବାସୀ ବ୍ଲକ୍କୁ ଆସି କାର୍ଯ୍ୟକ୍ରମ ଅଧିକାରୀଙ୍କୁ କୌଣସି ଅଭିଯୋଗ ଜଣାଇବାକୁ ଚାହିଁଲେ ବି, ତାଙ୍କୁ ନିରାଶ ହେବାକୁ ପଡୁଛି, କାରଣ ବି.ଡି.ଓ. ଯେ କି ଏକାଧାରରେ କାର୍ଯ୍ୟକ୍ରମ ଅଧିକାରୀ ଅଟନ୍ତି, ସେ ବ୍ଲକ୍ର ଅନ୍ୟାନ୍ୟ ବହୁ କାର୍ଯ୍ୟରେ ବାହାରକୁ ଗସ୍ତରେ ଯାଇଥାଇ ପାରନ୍ତି । ଏହିପରି ଏନ୍.ଆର୍.ଇ.ଜି.ଏ., ଯାହାକୁ ଦେଶର ଗ୍ରାମାଞ୍ଚଳ ପାଇଁ ସର୍ବବୃହତ୍ ଏବଂ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ବୋଲି କୁହାଯାଉଛି, ତାହା ରାଜ୍ୟ ସରକାରଙ୍କ ଭୁଲ୍ କର୍ମଚାରୀ ନୀତି ପାଇଁ ଫସର ଫାଟି ଯାଉଛି । କିନ୍ତୁ ଲକ୍ଷ୍ୟ କରାଯାଉଛି, ରାଜ୍ୟମାନଙ୍କର ଏହି ଭୁଲ୍ କର୍ମଚାରୀ ନୀତି ପ୍ରତି କେନ୍ଦ୍ର ସରକାର ଆଖି ବୁଜି ଦେଇଛନ୍ତି । ସୁତରାଂ ଜାତୀୟ ସ୍ତରରେ ଘୋଷିତ ହୋଇଥିବା ଉତ୍ସର୍ଗୀକୃତ, ସର୍ବକ୍ଷଣ କର୍ମଚାରୀ ନୀତିକୁ କୌଣସି ରାଜ୍ୟ ଉଲ୍ଲଂଘନ କଲେ, ସେହି ରାଜ୍ୟ ଏନ୍.ଆର୍.ଇ.ଜି.ଏ. ପାଣ୍ଠିରୁ ବଞ୍ଚିତ ହେବ ବୋଲି ଆଇନ୍ର ସଂଶୋଧନ କରାଯାଇ ବ୍ୟବସ୍ଥା ସ୍ଥାନିତ ହେବା ଉଚିତ୍ ।

## ଶ୍ରମିକ-ପରିପନ୍ଥୀ ମଜୁରୀ ନୀତି ଓ ବିଭ୍ରାନ୍ତିକର ମଷ୍ଟର୍ ରୋଲ୍

ସମଗ୍ର ଏନ୍.ଆର୍.ଇ.ଜି.ଏ. ପ୍ରକ୍ରିୟାରେ ମଷ୍ଟର୍ ରୋଲ୍ ହେଉଛି ଏକ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଦଲିଲ୍, କାରଣ ଏଥିରେ ପ୍ରତି ଶ୍ରମିକଙ୍କ ଦ୍ୱାରା ସମ୍ପାଦିତ ଦୈନିକ କାର୍ଯ୍ୟ ଏବଂ ସେ ବାବଦକୁ ପ୍ରାପ୍ୟ ମଜୁରି ସଠିକ୍ ରୂପେ ଲିପିବଦ୍ଧ ରହିଥିବା ବିଧେୟ । ଜଣେ ଶ୍ରମିକ ନିଜର କାର୍ଯ୍ୟ ବଦଳରେ ଉପଯୁକ୍ତ ମଜୁରି ପାଇଛନ୍ତି କି ନାହିଁ, ତାହାର ସତ୍ୟାସତ୍ୟ ଜାଣିବା ପାଇଁ ପ୍ରଥମେ ମଷ୍ଟର୍ ରୋଲ୍କୁ ଯାଞ୍ଚ କରାଯାଇଥାଏ । ସୁତରାଂ ମଷ୍ଟର୍ ରୋଲ୍ର ପ୍ରରୂପ (ଫର୍ମାଟ୍) ଏପରି ହେବା ଉଚିତ୍ ଯେ, ଜଣେ ଶ୍ରମିକ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖରେ କେତେ ମଜୁରି ପାଇଛନ୍ତି, ତାହା ସହଜରେ ଜାଣିହେବ । କିନ୍ତୁ ଆଇନ୍ରେ ମଜୁରି ପଇଠ ପାଇଁ ଯେଉଁ ବ୍ୟବସ୍ଥା ରହିଛି ଏବଂ କେନ୍ଦ୍ରୀୟ ମାର୍ଗଦର୍ଶୀକାରେ ଯେଉଁ ମଷ୍ଟର୍ ରୋଲ୍ର ପ୍ରରୂପ (ଯଥା ବି-୩) ସୁପାରିଶ୍ କରାଯାଇଛି, ତାହା ଦ୍ୱାରା ଉପରୋକ୍ତ ମାନଦଣ୍ଡ ସଂପୂର୍ଣ୍ଣ ରୂପେ ପୂରଣ ହୋଇପାରୁନାହିଁ । ଏହାଛଡା ଓଡିଶା ସରକାର ତାଙ୍କ ସ୍କିମ୍ରେ ଔପଚାରିକ ଭାବେ ମାର୍ଗଦର୍ଶୀକାର ପ୍ରରୂପକୁ ଗ୍ରହଣ କରିଥିଲେ ସୁଦ୍ଧା ବାସ୍ତବରେ ମନମୁଖୀ ଭାବେ ଭିନ୍ନ ଭିନ୍ନ ଧରଣର ପ୍ରରୂପ (ଯଥା ଏ-୫)କୁ ପ୍ରଶୟ ଦେଇ ସମସ୍ୟାକୁ ଅଧିକ ଜଟିଳ କରିଦେଇଛନ୍ତି । ପ୍ରଥମେ ବିଚାର କରାଯାଉ, ଆଇନ୍ର ଧାରା-୩(୩) ଅନୁଯାୟୀ ଜଣେ ଶ୍ରମିକଙ୍କୁ କାମ କରିବାର ସାତଦିନ ଭିତରେ, ନଚେତ୍ ସର୍ବାଧିକ ପନ୍ଦର ଦିନ ଭିତରେ ମଜୁରି ଦିଆଯିବାର ବ୍ୟବସ୍ଥା କେତେଦୂର ଯଥାର୍ଥ? ଯେତେବେଳେ କୌଣସି ସରକାରୀ କାର୍ଯ୍ୟ ଠିକାଦାର ମାଧ୍ୟମରେ କରାଯାଉଛି, ଶ୍ରମିକମାନେ ଦୈନିକ ଭିତ୍ତିରେ ବା ଠିକା-ଚୌକା ଭିତ୍ତିରେ କାର୍ଯ୍ୟ କରନ୍ତୁ ନା କାହିଁକି, ସେମାନଙ୍କୁ ପ୍ରତି ଶ୍ରମ-ଦିବସ ଶେଷରେ ମଜୁରି ମିଳିପାରୁଛି, ଯଦିଓ ଘୋଷିତ ମଜୁରି ହାର ଠାରୁ ସେମାନେ ଠିକାଦାର ଠାରୁ କମ୍ ମଜୁରି ପାଇଥାନ୍ତି । ତେଣୁ ପ୍ରଶ୍ନ ଉଠୁଛି, ଯଦି ଠିକାଦାର ଠାରୁ ପ୍ରତିଦିନର କାମ ପାଇଁ ସେହିଦିନ ମଜୁରି ମିଳିପାରୁଛି, ତେବେ ବହୁ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ଗ୍ରାମପଞ୍ଚାୟତର ପ୍ରଶାସନ ନିକଟରୁ ଏନ୍.ଆର୍.ଇ.ଜି.ଏ. ମଜୁରି ଦୈନିକ ଭିତ୍ତିରେ ମିଳିପାରିବ ନାହିଁ କାହିଁକି ? ଦୈନିକ ମଜୁରି ପଇଠ ନୀତି ଫଳରେ କେବଳ ଯେ ଗରିବ ଶ୍ରମିକମାନେ ସେମାନଙ୍କ ନିତିଦିନିଆ ଗୁଜୁରାଣ ମେଣ୍ଟାଇବା କ୍ଷେତ୍ରରେ ଅଧିକ ଉପକୃତ ହେବେ ତାହା ନୁହେଁ, ଶ୍ରମିକମାନଙ୍କର ସ୍ୱଳ୍ପ ସ୍ମରଣଶକ୍ତି ଏବଂ ହିସାବ-କ୍ଷମତା ଦୃଷ୍ଟିରୁ ତାହା ହିଁ ଏକମାତ୍ର ଉପଯୁକ୍ତ ବିକଳ୍ପ ବୋଲି ମନେହୁଏ । ସମସ୍ତେ ଜାଣନ୍ତି, ଏବେ ବି ବହୁ ଶ୍ରମିକ ସ୍ୱାକ୍ଷର ବଦଳରେ ଟିପଚିହ୍ନ ଦେଇଥାନ୍ତି ଏବଂ ଏଇଥିରୁ ସେମାନଙ୍କର ଗଣିତ ଜ୍ଞାନ ସହଜରେ ଅନୁମେୟ । ଆଇନ୍ ଅନୁଯାୟୀ ଯଦି ସାତ ଦିନ ବା ପନ୍ଦର ଦିନର ମଜୁରି ଏକାବେଳେ ପଇଠ କରାଯାଏ, ଏବଂ ଭିନ୍ନ ଭିନ୍ନ ଦିନ ପାଇଁ ସମ୍ଭବତଃ ଭିନ୍ନ ଭିନ୍ନ ପରିମାଣରେ ମଜୁରି ପ୍ରାପ୍ୟ ହେଉଥାଏ, ତେବେ ସେହି ନିରକ୍ଷର ଶ୍ରମିକଟି ସାତ ଦିନ ବା ପନ୍ଦର ଦିନ ଭିତରୁ ପ୍ରତିଦିନ ପାଇଁ ମିଳିବାକୁ ଥିବା ଭିନ୍ନ ଭିନ୍ନ ମଜୁରି ପରିମାଣକୁ ନିର୍ଭୁଲ ଭାବେ ମିଶାଣ କରି ମୋଟ୍ ପ୍ରାପ୍ୟ ଅର୍ଥରାଶିରେ ପହଞ୍ଚିବା ପାଇଁ କେତେଦୂର ସମର୍ଥ ହେବେ ? ସୁତରାଂ ବାସ୍ତବ ଅଭିଜ୍ଞତା ହେଉଛି, ସାତ ଦିନ କି ପନ୍ଦର ଦିନ ପରେ ପ୍ରତିଦିନ ପାଇଁ ନିଜର ପ୍ରାପ୍ୟ ମଜୁରି ସମ୍ବନ୍ଧରେ ନିରକ୍ଷର ଶ୍ରମିକଟିର ସ୍ମୃତି କ୍ଷୀଣତର ହୋଇପଡିଥିବ ଏବଂ ଏହି ସୁଯୋଗରେ ସଂପୃକ୍ତ ଅଧିକାରୀ ମୋଟ୍ ପରିମାଣ ସ୍ଥାନରେ ଯାହା ଲେଖିବେ, ତାହାକୁ ନିର୍ବିବାଦରେ ଗ୍ରହଣ କରିନେବା ଛଡା ସେହି ଶ୍ରମିକର ଆଉ କୌଣସି ଚାରା ନଥିବ । ସଂପୃକ୍ତ ଅଧିକାରୀ ମୋଟ୍ ମଜୁରି

ଲେଖିବା ବେଳେ ଯାହା କିଛି ହିସାବରେ ଗୋଳମାଳ କରିଥିବେ, ତାହାକୁ ଭବିଷ୍ୟତରେ ପ୍ରମାଣ କରିବା ପାଇଁ ଆଉ କୌଣସି ରାସ୍ତା ମଧ୍ୟ ନଥିବ । ସୁତରାଂ ଆଇନ୍‌ର ସଂଶୋଧନ କରାଯାଇ ସାତଦିନ କି ପନ୍ଦର ଦିନ ଅନ୍ତରାଳରେ ମଜୁରି ପଇଠର ପ୍ରଚଳିତ ବ୍ୟବସ୍ଥାକୁ ଉଚ୍ଛେଦ କରାଇ ପ୍ରତିଦିନର ଶ୍ରମ ବାବଦକୁ ସେହି ଦିନ ମଜୁରି ବିତରଣ ବ୍ୟବସ୍ଥାକୁ ଲାଗୁ କରାଯିବା ଅତ୍ୟନ୍ତ ଜରୁରୀ । ସେହିପରି ମଷ୍ଟର୍ ରୋଲ୍‌ର ବି-୩ ପ୍ରରୂପକୁ ସଂଶୋଧନ କରାଯାଇ ପ୍ରତି ତାରିଖରେ ଶ୍ରମିକକୁ ମିଳିଥିବା ମଜୁରି ପରିମାଣକୁ ଲିପିବଦ୍ଧ କରାଯିବା ସହିତ ସେହି ସ୍ଥାନରେ ଶ୍ରମିକର ସ୍ୱାକ୍ଷର ବା ଟିପଚିହ୍ନ ନିଆଯିବାର ବ୍ୟବସ୍ଥା ଚାଲୁ କରାଯାଉ ।

## ସୂଚନା ଅଧିକାର ଉପରେ ସୁସ୍ପଷ୍ଟତାର ଅଭାବ

ଉଭୟ ଆଇନ୍ ଏବଂ ମାର୍ଗଦର୍ଶୀକାରେ ଏନ୍.ଆର.ଇ.ଜି.ଏ.ର ସମୁଦାୟ କାର୍ଯ୍ୟପ୍ରକ୍ରିୟାରେ ସଂପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା ତଥା ସର୍ବସାଧାରଣଙ୍କର ସୂଚନା ଅଧିକାର ଉପରେ ବେଶ୍ ଗୁରୁତ୍ୱ ଆରୋପ କରାଯାଇଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ନୈରାଶ୍ୟଜନକ । ଏନ୍.ଆର.ଇ.ଜି.ଏ.ର ପ୍ରତି ଦଲିଲ୍‌କୁ ସର୍ବସାଧାରଣ ଦଲିଲ୍ ବୋଲି ବିଚାର କରାଯିବ ଏବଂ ଏହାକୁ ସମସ୍ତଙ୍କ ଗୋଚରାର୍ଥେ ମୁକ୍ତ ରଖାଯିବ ବୋଲି ମାର୍ଗଦର୍ଶୀକାରେ ସୁସ୍ପଷ୍ଟ ଭାବେ କୁହାଯାଇଛି । ପୁଣି ପ୍ରତି କାର୍ଯ୍ୟସ୍ଥଳୀରେ ମଷ୍ଟର୍ ରୋଲ୍ ଉପଲବ୍ଧ ରହିବ ଏବଂ ଯେ କୌଣସି ବ୍ୟକ୍ତି ମାଗଣାରେ ଏହାକୁ ନିରୀକ୍ଷଣ (ଇନ୍‌ସ୍ପେକସନ୍) କରି ଏହାର ନକଲ ନେଇପାରିବେ ବୋଲି ମାର୍ଗଦର୍ଶୀକା ମଧ୍ୟ ଅବତାରଣା କରାଯାଇଛି । ପୁଣି ସେଥିରେ କୁହାଯାଇଛି, ଯଦି କେହି ବ୍ୟକ୍ତି କୌଣସି ସୂଚନା ପାଇଁ ଲିଖିତ ଆବେଦନ କରନ୍ତି, ତେବେ ଆବେଦନ ପାଇଁ କୌଣସି ଫିସ୍ ଲାଗିବ ନାହିଁ ଏବଂ କେବଳ ଜେରକ୍ସ ମୂଲ୍ୟରେ ୭ ଦିନ ଭିତରେ ଆବେଦିତ ସୂଚନା ଯୋଗାଇ ଦିଆଯିବ । କିନ୍ତୁ ବାସ୍ତବ ଅଭିଜ୍ଞତା ହେଉଛି, ଏନ୍.ଆର୍.ଇ.ଜି.ଏ.ର ମଷ୍ଟର୍ ରୋଲ୍ ସମେତ ଯେ କୋଣସି ଦଲିଲ୍‌ର ନିରୀକ୍ଷଣ ବା ନକଲ ହାସଲ ପାଇଁ ଜଣେ ବ୍ୟକ୍ତିଙ୍କୁ ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନରେ ୧୦ଟଙ୍କାର ଆବେଦନ ଫିସ୍ ଦାଖଲ ସହିତ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିବାକୁ ପଡୁଛି ; ଆବେଦିତ ସୂଚନା ମିଳିବା ପାଇଁ ୩୦ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି ତଥା ଫର୍ଦ୍ଦ ୨ଟଙ୍କା ହିସାବରେ ଫିସ୍ ଦାଖଲ କରି ସୂଚନା ଆଣିବାକୁ ପଡୁଛି । ସୁତରାଂ ଆଇନ୍ ଓ ମାର୍ଗଦର୍ଶୀକାରେ ଏନ୍.ଆର୍.ଇ.ଜି.ଏ.ର ନିଜସ୍ୱ ସ୍ୱଚ୍ଛତା ଓ ସୂଚନା ଅଧିକାର ବ୍ୟବସ୍ଥା ସମ୍ବନ୍ଧରେ ଯେଉଁ ଲମ୍ବାଚଉଡା ବୟାନ ଦିଆଯାଇଛି, ତା'ର ମହତ୍ୱ ରହିଲା କେଉଁଠି ? ଏଠାରେ ପ୍ରଶ୍ନ ଉଠିପାରେ, ଏନ୍.ଆର୍.ଇ.ଜି.ଏ.ର ନିଜସ୍ୱ ଶସ୍ତା, ସୁନ୍ଦର ଓ ମଜଭୁତ୍ ସୂଚନା ଅଧିକାର ବ୍ୟବସ୍ଥା ରହିଥିବା ବେଳେ ଲୋକମାନେ ଏହା ସଂପର୍କୀତ ତଥ୍ୟାବଳୀ ପାଇଁ ସୂଚନା ଅଧିକାର ଆଇନ୍‌ର ଜଟିଳ, ବ୍ୟୟବହୁଳ ଏବଂ ସମୟସାପେକ୍ଷ ବ୍ୟବସ୍ଥା ଆଡେ ମୁହାଁଉଛନ୍ତି କାହିଁକି? ଏହାର ଏକମାତ୍ର ଉତ୍ତର, ଏନ୍.ଆର୍.ଇ.ଜି.ଏ. ଅଧୀନରେ ସୂଚନା ନଦେବା କାରଣରୁ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଦଣ୍ଡବିଧାନ କିମ୍ବା ବଞ୍ଚିତ ନାଗରିକଙ୍କୁ କ୍ଷତିଭରଣାର ବ୍ୟବସ୍ଥା ନାହିଁ, ଯାହା ଫଳରେ ସେମାନେ ସୂଚନା-ଆବେଦକଙ୍କ ପ୍ରତି ଉପରମୁହାଁ ଆଚରଣ ଦେଖାଇ ଚାଲିଛନ୍ତି, ଯାହାକି ସୂଚନା ଅଧିକାର ଆଇନ୍ କ୍ଷେତ୍ରରେ ମୋଟେ ସମ୍ଭବ ନୁହେଁ । ସୁତରାଂ ଏନ୍.ଆର୍.ଇ.ଜି.ଏ.ରେ ସ୍ଥାନିତ ଥିବା ସୂଚନା ଅଧିକାରକୁ ପ୍ରକୃତ ପକ୍ଷେ କ୍ରିୟାଶୀଳ କରିବାକୁ ହେଲେ ସୂଚନା ପ୍ରଦାନ ପାଇଁ ଉତ୍ତରଦାୟୀ ଥିବା ସଂପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ଅବହେଳା କ୍ଷେତ୍ରରେ ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ ଦଣ୍ଡବିଧାନ ଓ ବଞ୍ଚିତ ନାଗରିକଙ୍କୁ ଯଥୋଚିତ କ୍ଷତିଭରଣାର ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ପଡିବ । ଏଥିପାଇଁ ଉଭୟ ଏନ୍.ଆର୍.ଇ.ଜି.ଏ.-୨୦୦୫ର ସଂଶୋଧନ ତଥା କେନ୍ଦ୍ରୀୟ ମାର୍ଗଦର୍ଶୀକାର ଆବଶ୍ୟକୀୟ ପରିମାର୍ଜନ ଜରୁରୀ ।

## ଆଇନ୍‌ର ଇଚ୍ଛାକୃତ ଅପବ୍ୟାଖ୍ୟା

ଏଠାରେ ଆଉ ଏକ ଗୁରୁତର ସମସ୍ୟା ବିଷୟରେ ଅବତାରଣା କରିବା ଜରୁରୀ ମନେ ହୁଏ, ତାହାହେଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆଇନ୍‌ର ମୌଳିକ ବ୍ୟବସ୍ଥାଗୁଡିକ ସମ୍ବନ୍ଧରେ ଜାଣିଶୁଣି ଅପବ୍ୟାଖ୍ୟା କରିବା । ସମସ୍ତେ ଜାଣନ୍ତି, ଆଇନ୍‌ର ପ୍ରାକ୍-କଥନରେ କୁହାଯାଇଛି ଗୋଟିଏ ଗ୍ରାମାଞ୍ଚଳର ପରିବାରକୁ ଅନ୍ୟୂନ ୧୦୦ଦିନର ଶାରିରୀକ କାର୍ଯ୍ୟ ଯୋଗାଇଦେବା ଆଇନ୍‌ର ମୂଳ ଉଦ୍ଦେଶ୍ୟ । ଏହା ଏକ ସାଧାରଣ ଜ୍ଞାନ ଯେ, ଅନ୍ୟୂନ ୧୦୦ଦିନ କହିଲେ ୧୦୦ଦିନରୁ ଅଧିକ ହୋଇପାରେ କିନ୍ତୁ କମ୍ ହେବନାହିଁ । କିନ୍ତୁ ଲକ୍ଷ୍ୟ କରାଯାଉଛି, କେନ୍ଦ୍ର ସରକାର ନିଜର ମାର୍ଗଦର୍ଶୀକାରେ ଆଇନ୍‌ର ଉଦ୍ଦେଶ୍ୟ ବଖାଣିବା ସମୟରେ 'ଅନ୍ୟୂନ' ଶବ୍ଦକୁ ଉହ୍ୟ ରଖି କେବଳ ୧୦୦ଦିନ କଥା କହୁଛନ୍ତି । ଉଦାହରଣ ସ୍ୱରୂପ, କେନ୍ଦ୍ରୀୟ ମାର୍ଗଦର୍ଶୀକା (୩ୟ ସଂସ୍କରଣ, ୨୦୦୮)ର ଅନୁଚ୍ଛେଦ ୫.୧.୧ରେ କୁହାଯାଇଛି, "ଗୋଟିଏ ଆର୍ଥିକ ବର୍ଷରେ ୧୦୦ଦିନର କର୍ମନିଯୁକ୍ତି ପାଇବାର ଯେଉଁ

ଗ୍ୟାରେଣ୍ଟି ଦିଆଯାଇଛି, ତାହା ଗୋଟିଏ ପରିବାର ପାଇଁ ଉଦ୍ଦିଷ୍ଟ” । ଏଠାରେ ‘ଅନ୍ୟୂନ’ ଶବ୍ଦ ନାହିଁ । ସେହିପରି ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପ୍ରକାଶିତ ‘ଗାଁ ସାଥୀ ପ୍ରଶିକ୍ଷଣ ପୁସ୍ତିକା’ରେ ଏନ୍.ଆର୍.ଇ.ଜି.ଏସ୍ ପ୍ରଣୟନର ଲକ୍ଷ୍ୟ କ’ଣ ପ୍ରଶ୍ନର ଉତ୍ତରରେ କୁହାଯାଇଛି, “ଏହି ଆଇନ୍ ଅନୁଯାୟୀ ଗୋଟିଏ ଜବ୍ କାର୍ଡ ଧାରୀ ପରିବାରକୁ ଏକ ଆର୍ଥିକ ବର୍ଷରେ ୧୦୦ଦିନର ଅଣକୁଶଳୀ କାମ ଯୋଗାଇ ଦିଆଯାଇପାରିବ” । ଏଠାରେ ‘ଅନ୍ୟୂନ’ ଶବ୍ଦ ନାହିଁ । କେବଳ ଯେ ଆଇନ୍‌ର ସରକାରୀ ବ୍ୟାଖ୍ୟାନ ଭିତରେ ଅନ୍ୟୂନ ଶବ୍ଦ ଗାଏବ୍ ହୋଇଯାଇଛି, ତାହା ନୁହେଁ, ଗୋଟିଏ ପରିବାରକୁ ୧୦୦ଦିନର କାମ ମିଳିଗଲା ପରେ ଉଭୟ ଗ୍ରାମ ପଞ୍ଚାୟତ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଉଛି ଯେ, ଦିନସଂଖ୍ୟା ୧୦୦ରୁ ଅଧିକ ହେଲେ ତାହା କମ୍ପ୍ୟୁଟର୍ ଗ୍ରହଣ କରୁନାହିଁ । ଏହା ଏକ ସ୍ୱାଭାବିକ କଥା ଯେ, ଯଦି ଗୋଟିଏ ପରିବାରରେ ୪ ଜଣ ସାବାଳକ ସଦସ୍ୟ ଥାଆନ୍ତି, ତେବେ ଜଣକୁ ବର୍ଷ ଭିତରେ ମାତ୍ର ୨୫ଦିନର କାମ ମିଳିବ, ଯଦି ୫ଜଣ ଥାଆନ୍ତି, ତେବେ ମାତ୍ର ୨୦ ଦିନ । ପ୍ରଶ୍ନ ଉଠୁଛି, ଯଦି ବର୍ଷକ ଭିତରେ ଜଣକୁ ମାତ୍ର ୨୫ କି ୨୦ ଦିନର କାମ ମିଳେ, ସେ ୩୬୫ଦିନ ଭିତରୁ ବାକୀ ଦିନ କ’ଣ କରିବ ? ଏଇଥି ପାଇଁ କ’ଣ ଏନ୍.ଆର୍.ଇ.ଜି.ଏ. ଭଳି ଏକ ବ୍ୟୟବହୁଳ, ସାର୍ବଜନୀନ ଗ୍ରାମାଞ୍ଚଳ ଯୋଜନା ଚାଲୁକରାଯାଇଛି ? ସେହିପରି ମଜୁରିର ପରିମାଣ ବିଷୟରେ ମଧ୍ୟ ଅପବ୍ୟାଖ୍ୟା କରା ହୋଇଆସୁଛି । ଆଇନ୍‌ର ଧାରା ୬(୨) ଅନୁଯାୟୀ ପ୍ରତି ରାଜ୍ୟ ସରକାର କୃଷି ଶ୍ରମିକଙ୍କ ପାଇଁ ଯେଉଁ ‘ନ୍ୟୂନତମ ମଜୁରି’ ସ୍ଥିର କରିବେ, ତାହା ଏନ୍.ଆର୍.ଇ.ଜି.ଏ. ଶ୍ରମିକମାନଙ୍କ ପାଇଁ ପ୍ରଯୁଜ୍ୟ ହେବ । ଓଡିଶା ସରକାର ୧ ମେ ୨୦୦୭ ଠାରୁ ‘ନ୍ୟୂନତମ ମଜୁରି’ ଦୈନିକ ୭୦ଟଙ୍କା କରିଛନ୍ତି । ‘ନ୍ୟୂନତମ’ର ଅର୍ଥ ୭୦ଟଙ୍କାରୁ କମ୍ ହେବନି, ଅଥଚ ବେଶୀ ହୋଇପାରେ । କିନ୍ତୁ ଏ ବିଷୟରେ ଓଡିଶା ସରକାର ଗଣମାଧ୍ୟମରେ ବିଜ୍ଞାପନ ବା ସ୍ଥାନୀୟ ସ୍ତରରେ ପ୍ରାଚୀର-ଲିଖନ ମାଧ୍ୟମରେ ପ୍ରଚାର-ପ୍ରସାର କଲାବେଳେ ‘ନ୍ୟୂନତମ’ ଶବ୍ଦ ଉହ୍ୟ ରଖୁଛନ୍ତି, ଯାହା ଫଳରେ ସମସ୍ତଙ୍କର ଧାରଣା ଜନ୍ମିଛି, ଜଣେ ଶ୍ରମିକର ଦୈନିକ ମଜୁରି ୭୦ଟଙ୍କାକୁ କଦାପି ଟପି ପାରିବ ନାହିଁ । ଏବଂ ଠିକ୍ ଏହି କାରଣରୁ ଉପକୂଳ ଓଡିଶାରେ ଶ୍ରମିକମାନେ ଏନ୍.ଆର୍.ଇ.ଜି.ଏ. ପ୍ରତି ବିମୁଖ ହେଉଛନ୍ତି । ସେମାନେ ଭାବୁଛନ୍ତି, ଯଦି ଅନ୍ୟ କାର୍ଯ୍ୟରେ ୭୦ଟଙ୍କାରୁ ଅଧିକ ମଜୁରି ମିଳିପାରୁଛି, ସେପରି ସ୍ଥଳେ ଏନ୍.ଆର୍.ଇ.ଜି.ଏ. କାମକୁ ଗଲେ କ୍ଷତି ହେବ ସିନା, ଲାଭ ନାହିଁ । ସୁତରାଂ କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର, କର୍ମନିଯୁକ୍ତି ପାଇଁ ପ୍ରାପ୍ୟ ଦିନସଂଖ୍ୟା ବା ଦୈନିକ ମଜୁରି ସମ୍ବନ୍ଧରେ ଅବତାରଣା କଲାବେଳେ ‘ନ୍ୟୂନତମ’ ଶବ୍ଦକୁ ଉହ୍ୟ ରଖିବା ଆଇନ୍‌ର ଅବମାନନା ସହିତ ସମାନ ।

Chitta Behera, 4A Jubilee Tower, Choudhury Bazar, Cuttack-9. Mobile: 9437577546, Dt- 30.4.09